୧. 'ସପରିବାର' କେଉଁ ସମାସ ଅଟେ

(କ) ସହାର୍ଥ ବହୁବ୍ରୀହି (ଖ) ଅବ୍ୟୟୀ ଭାବ

(ଗ) ମଧ୍ୟ ପଦଲୋପୀ କର୍ମଧାରୟ (ଘ) ନିତ୍ୟ ସମାସ

୨. କେଉଁଟି ସହାର୍ଥ ବହୁବ୍ରୀହି ଚିହ୍ନାଅ

(କ) ସଶ୍ରାଦ୍ଧ (ଖ) ଚକ୍ରପାଣି

(ଗ) ନିଷ୍ପାପ (ଘ) ପ୍ରତିମୂର୍ତ୍ତିତୀ

୩. ' ଓଟମୁହିଁ, କେଉଁ ସମାସ ଅଟେ ଚିହ୍ନାଅ

(କ) ଉପମିତ ବହୁବ୍ରୀହି (ଖ) କର୍ମଧାରୟ

(ଗ) ସହାର୍ଥ ବହୁବ୍ରୀହି (ଘ) ଉପପଦ୍ ତତ୍ ପୁରୁଷ

୪. 'ବିଗତ ହୋଇଛି ପତ୍ନୀ ଯାହାର ସେ' ଉକ୍ତ ବ୍ୟାସ ବାକ୍ୟର ସମସ୍ତ ପଦଟିକୁ ଚିହ୍ନଟ କର

(କ) ବିପତ୍ନୀକ (ଖ) ସପତ୍ନୀକ

(ଗ) ଦ୍ବିପତ୍ନୀକ (ଘ) ପତିବ୍ରତା

୫. 'ହିସାବର ଅଭାବ' ଉକ୍ତ ବ୍ୟାସ ବାକ୍ୟଟି କେଉଁ ସମାସର ଚିହ୍ନଟ କର

(କ) ସହାର୍ଥ ବହୁବ୍ରୀହି (ଖ) ଉପପଦ୍ ତତ୍ ପୁରୁଷ

(ଗ) ଅବ୍ୟୟୀ ଭାବ (ଘ) ନିତ୍ୟ ସମାସ

୬. ନିରାକାର ରେଖାଙ୍କିତ ପଦଟି କେଉଁ ସସାସ ଚିହ୍ନାଅ

(କ) ନଞ୍ଜ ବହୁବ୍ରୀହି (ଖ) ଦ୍ବନ୍ଦ୍ବ ସମାସ

(ଗ) କର୍ମଧାରୟ (ଘ) ତତ୍ପୁରୁଷ

୭. ତରୁତୃଣ କେଉଁ ସମାସ

Digitalodisha.org

(କ) ଦ୍ବିଗୁ (ଖ) ଦ୍ବନ୍ଦ
(ଗ) କର୍ମଧାରୟ (ଘ) ବହୁବ୍ରୀହି

୮. କେଉଁଟି ଦ୍ବନ୍ଦ ସମାସ ଚିହ୍ନାଅ
(କ) ଆସମୁଦ୍ର (ଖ) ତନ୍ତବୁଣା
(ଗ) ଡାଲିଭାତ (ଘ) ଉପପଦ୍

୯. ଯଥାଶକ୍ତି ରେଖାଙ୍କିତ ପଦଟି କେଉଁ ସମାସ ଚିହ୍ନାଅ।
(କ) ଷଷ୍ଠୀ ତତପୁରୁଷ (ଖ) ନ ତତପୁରୁଷ
(ଗ) ଅବ୍ୟୟୀ ଭାବ (ଘ) କର୍ମଧାରୟ

୧୦. 'ବୀଣାପାଣି' କେଉଁ ସମାସ ଚିହ୍ନାଅ
(କ) ବହୁବ୍ରୀହି (ଖ) କର୍ମଧାରୟ
(ଗ) ଦ୍ବନ୍ଦ (ଘ) ଅବ୍ୟୟୀଭାବ

୧୧. 'ଘୋଡାର ମୁହଁ ପରି ମୁହଁ ଯାହାର ସେ' – ଉକ୍ତ ମଧ୍ୟରୁ ପଦଲୋପୀ ବହୁବ୍ରୀହି ସମାସର ବ୍ୟାସ ବାକ୍ୟରେ କେଉଁ ପଦଟି ଲୋପ ହୋଇଛି ଚିହ୍ନଟ କର
(କ) ଘୋଡାର (ଖ) ମୁହଁ ପରି
(ଗ) ମୁହଁ (ଘ) ଯାହାର

୧୨. 'ପୀତ ଅମ୍ବର ଯାହାର ସେ' – ଉକ୍ତ ବିଗ୍ରହ ବାକ୍ୟଟି କେଉଁ ସମାସ ଅନ୍ତର୍ଗତ ଚିହ୍ନଟ କର
(କ) ସମାନାଧିକରଣ ବହୁବ୍ରୀହି (ଖ) ବ୍ୟାକରଣ ବହୁବ୍ରୀହି
(ଗ) ଉପମିତ ବହୁବ୍ରୀହି (ଘ) ନ ବହୁବ୍ରୀହି

୧୩. ନବରନ୍ତ୍ର' ପଦଟି କେଉଁ ସମାସ ଚିହ୍ନାଅ )

(କ) ବହୁବ୍ରୀହି (ଖ) ଦ୍ବନ୍ଦ

(ଗ) ଦ୍ବିଗୁ (ଘ) ଉପପଦ୍ ତ ପୁରୁଷ

୧୪. ' ମୁଖଚନ୍ଦ୍ର'କେଉଁ ସମାସ ଚିହ୍ନାଅ

(କ) କର୍ମଧାରୟ (ଖ) ତତ୍ ପୁରୁଷ

(ଗ) ଦ୍ବନ୍ଦ (ଘ) ଦ୍ବିଗୁ

୧୫. 'ଜ୍ଞାନରେ ହୀନ' ବିଗ୍ରହ ବାକ୍ୟଟି କେଉଁ ସମାସ ଅନ୍ତର୍ଗତ ଚିହ୍ନାଅ

(କ) ତତ୍ ପୁରୁଷ (ଖ) କର୍ମଧାରୟ

(ଗ) ବହୁବ୍ରୀହି (ଘ) ଦ୍ବନ୍ଦ

୧୬. 'ନୀରୋଗ' ପଦଟିର ସନ୍ଧି ବିଚ୍ଛେଦ ସ୍ଥିର କର

(କ) ନିର୍ + ରୋଗ (ଖ) ନିଃ + ରୋଗ

(ଗ) ନି + ରୋଗ (ଘ) ନିରୀ + ରୋଗ

୧୭. 'ଚକ୍ଷୁରୋଗ' ପଦଟିର ସନ୍ଧି ବିଚ୍ଛେଦ ସ୍ଥିର କର

(କ) ଚକ୍ଷୁ + ରୋଗ (ଖ) ଚକ୍ଷୁ + ରୋଗ

(ଗ) ଚକ୍ଷୁ + ରୋଗ (ଘ) ଚକ୍ଷୁ + ରୋଗ

୧୮. 'ବିପଚ୍ଛଙ୍କା' ପଦଟିର ସନ୍ଧି ନିଶ୍ଚିୟ କର

(କ) ବିପତ୍ + ଛଙ୍କା (ଖ) ବିପତ୍ + ଶଙ୍କା

(ଗ) ବିପ + ଛଙ୍କା (ଘ) ବିପ + ଛଙ୍କା

୧୯. 'ସଂଲଗ୍ନ' ପଦଟି କେଉଁ ସନ୍ଧି ଅନ୍ତର୍ଗତ ଅଟେ ଚିହ୍ନାଅ

(କ) ସ୍ୱର ସନ୍ଧି (ଖ) ବ୍ୟଞ୍ଜନ ସନ୍ଧି

(ଗ) ବିସର୍ଗ ସନ୍ଧି (ଘ) କେଉଁଟି ନୁହେଁ

୨୦. 'ପିତ୍ରାଳୟ' ପଦଟିର ସନ୍ଧି ବିଚ୍ଛେଦ ନିର୍ଣ୍ଣୟ କର

(କ) ପିତୃ + ଆଳୟ (ଖ) ପିତ୍ରା + ଆଳୟ

(ଗ) ପିତ୍ରା + ଆଳୟ (ଘ) ପିତ୍ରା + ଆଳୟ

୨୧. ପଛେ ପଛେ ଗମନ କରିବା :

(କ) ଅନୁଧାବନ (ଖ) ଅନୁଗମନ

(ଗ) ଗମନ (ଘ) ଯିବା

୨୨. ଚାଷ କରାଯାଇ ନ ଥିବା ଜମି

(କ) ଚାଷଜମି (ଖ) ପଡିଆ

(ଗ) ଜମି (ଘ) ବଗିଚା

୨୩. ଦର୍ଶନ ସମ୍ବନ୍ଧରେ ଜାଣନ୍ତି ଯେ

(କ) ଦର୍ଶନୀୟ (ଖ) ଦାର୍ଶନିକ

(ଗ) ଦର୍ଶନ (ଘ) ଦାର୍ଶନୀକ

୨୪. ଯାହାର ଇଚ୍ଛା ନାହିଁ ସେ —

(କ) ଅନିଚ୍ଛୁକ (ଖ) ଇଚ୍ଛାଶୂନ୍ୟ

(ଗ) ଇଚ୍ଛୁକ (ଘ) ଅତିଚ୍ଛୁକ

୨୫. ଅର୍ଥ ଅଛି ଯହିଁରେ --- "

(କ) ନିରର୍ଥକ (ଖ) ଅର୍ଥକ

Digitalodisha.org

(ଗ) ସାର୍ଥକ (ଘ) ଅତିସାର୍ଥକ

୨୬. ଗଙ୍ଗାନଦୀ ହିମାଳୟରୁ ବାହାରିଛି  ରେଖାଙ୍କିତ ପଦଟି କେଉଁ କାରକ ଚିହ୍ନାଅ

(କ) କରଣ (ଖ) ସମ୍ପ୍ରଦାନ

(ଗ) ଅପାଦାନ (ଘ) କର୍ମ

୨୭. ଆଷାଢମାସରେ ରଥଯାତ୍ରା ହୁଏ  ରେଖାଙ୍କିତ ପଦଟିର କାରକ ନିର୍ଣ୍ଣୟ କର

(କ) ଅପାଦାନ (ଖ) ଅଧିକରଣ

(ଗ) କର୍ମ (ଘ) କରଣ

୨୮. ଦୃଷ୍ଟକୁ ବିଶ୍ୱାସ କର ନାହିଁ  ରେଖାଙ୍କିତ ପଦଟିର ବିଭକ୍ତି ନିର୍ଣ୍ଣୟ କର

(କ) ପ୍ରଥମ (ଖ) ଚତୁର୍ଥୀ

(ଗ) ଦ୍ୱିତୀୟା (ଘ) ସପ୍ତମୀ

୨୯. ଶିକାରୀଟି ଧନୁରେ ପକ୍ଷୀକୁ ବଧ କଲା  ରେଖାଙ୍କିତ ପଦଟିର ବିଭକ୍ତି ନିର୍ଣ୍ଣୟ କର

(କ) ପ୍ରଥମା (ଖ) ଦ୍ବିତୀୟ

(ଗ) ଚତୁର୍ଥୀ (ଘ) ତୃତୀୟା

୪୧. 'ଘ' କେଉଁ ଧରଣର ବର୍ଣ୍ଣ

(କ) ଓଷ୍ଠ୍ୟ (ଖ) ଦନ୍ତ୍ୟ

(ଗ) କଣ୍ଠ୍ୟ (ଘ) ମୂର୍ଦ୍ଧନ୍ୟ

୪୨. 'ଢ' କେଉଁ ଧରଣର ବର୍ଣ୍ଣ

(କ) ଓଷ୍ଠ୍ୟ (ଖ) ଦନ୍ତୀ

(ଘ) ମୃଦ୍ଧନ୍ୟ

Digitalodisha.org

୪୩. ଭାବ ପ୍ରକାଶର ମାଧ୍ୟମଟି କଣ ଅଟେ
(କ) ପଦ (ଖ) ସର୍ବନାମ
(ଗ) ଅବ୍ୟୟ (ଘ) ଭାଷା

୪୪. ମାଗଧୀ ଅପଭ୍ରଂଶ କେଉଁ ଭାଷାର ଉପଭାଷା ଅଟେ
(କ) ପାଳି (ଖ) ପ୍ରାକୃତ
(ଗ) ଅପଭ୍ରଂଶ (ଘ) ପୈଶାଚୀ

୪୫. ନିମ୍ନଲିଖିତ ମାନଙ୍କ ମଧ୍ୟରୁ ଜାତି ବାଚକ ବିଶେଷ୍ୟ ଚିହ୍ନାଅ
(କ) ମାଟି (ଖ) ସୁନା
(ଗ) କଣ୍ଢେଇ (ଘ) ରୁପା;

୪୬. 'ଗୋଲାପ' ଗୋଟିଏ କେଉଁ ବାଚକ ବିଶେଷ୍ୟ ପଦ ଅଟେ
(କ) ଜାତି (ଖ) ବ୍ୟକ୍ତି
(ଗ) ବସ୍ତୁ (ଘ) ଗୁଣ

୪୭. ଏବେ ରଥଯାତ୍ରା ପାଖେଇଲା ରେଖାଙ୍କିତ ପଦଟିର କ୍ରିୟା ଚିହ୍ନାଅ
(କ) ନାମ ଧାତୁ (ଖ) ପ୍ରୟୋଜନ ଧାତୁ କ୍ରିୟା
(ଗ) ମିଶ୍ର କ୍ରିୟା (ଘ) ଅସମାପିକା କ୍ରିୟା

୪୮. ପ୍ରତିଯୋଗୀମାନେ ପଡିଆରେ ଧାଉଁଛନ୍ତି ରେଖାଙ୍କିତ ପଦଟିର କ୍ରିୟା ଚିହ୍ନାଅ
(କ) ସକର୍ମକ (ଖ) ଅକର୍ମକ
(ଗ) ମିଶ୍ର କ୍ରିୟା (ଘ) ଅସମାପିକା କ୍ରିୟା

୪୯. ପ୍ରଧାନ ଶିକ୍ଷକ ପବିତ୍ରକୁ ଅଫିସକୁ ଡାକିଲେ  ରେଖାଙ୍କିତ ପଦ କେଉଁ କ୍ରିୟା ଚିହ୍ନାଅ

(କ) ସକର୍ମକ (ଖ) ଅକର୍ମକ

(ଗ) ଦ୍ବିକର୍ମକ (ଘ) ମିଶ୍ର

୫୦. 'ବର୍ଦ୍ଧିତ ହେବା' ପଦଟିର କ୍ରିୟାର ପରିଚୟ ଦିଅ

(କ) ମିଶ୍ର (ଖ) ସକର୍ମକ

(ଗ) ଅମିଶ୍ର (ଘ) ଦ୍ବିକର୍ମକ

୫୧. ପକ୍ଷୀଟି ଗଛଡାଳରେ ବସିଛି  ରେଖାଙ୍କିତ ପଦଟିର କାରକ ନିର୍ଣ୍ଣୟ କର

(କ) କରଣ (ଖ) କର୍ମ

(ଗ) କର୍ତ୍ତା (ଘ) ସମ୍ବନ୍ଧପଦ

୫୨. ସରୋବରରେ ପଦ୍ମଫୁଟେ  ରେଖାଙ୍କିତ ପଦଟିର କାରକ ନିର୍ଣ୍ଣୟ କର

(କ) କର୍ତ୍ତା (ଖ) କର୍ମ

(ଗ) ସମ୍ପ୍ରଦାନ (ଘ) ଅଧିକରଣ

୫୩. ତୁମ ଡାକରୁ ମୁଁ ଧାଇଁ ଆସିଛି  କେଉଁ କାରଣରୁ ରେଖାଙ୍କିତ ପଦଟି ପଞ୍ଚମୀ ବିଭକ୍ତି ହୋଇଛି ଦର୍ଶାଅ ?

(କ) ଅସମାପିକା କ୍ରିୟା ଲୋପରୁ (ଖ) ଅପାଦାନ କାରକର

(ଗ) ନିବାରଣାର୍ଥକ କ୍ରିୟା ଯୋଗେ ପଞ୍ଚମୀ (ଘ) ଭିନ୍ନାର୍ଥକ ଶବ୍ଦ ଯୋଗେ ପଞ୍ଚମୀ

୫୪. ବୀଜରୁ ବୃକ୍ଷର ଉତ୍ପତ୍ତି ଘଟେ  ରେଖାଙ୍କିତ ପଦଟି କେଉଁ କାରଣରୁ ପଞ୍ଚମୀ ବିଭକ୍ତି ହୋଇଛି ?

(କ) ଅସମାପିକା କ୍ରିୟା ଲୋପରୁ (ଖ) ଆବିର୍ଭାବ ଓ ଉତ୍ପତ୍ତି

DigitalOdisha.org

(ଗ) ରକ୍ଷାର୍ଥ ଆଦି ଶବ୍ଦ ଯୋଗରେ (ଘ) ଦୂର ଓ ନିକଟ ଅର୍ଥରେ

୫୫. ଈଶ୍ୱର ଆମ୍ଭମାନଙ୍କୁ ବିପଦରୁ ରକ୍ଷା କରନ୍ତି ରେଖାଙ୍କିତ ପଦର ବିଭକ୍ତି ନିର୍ଣ୍ଣୟ କର

(କ) ଷଷ୍ଠୀ (ଖ) ଚତୁର୍ଥୀ

(ଗ) ପଞ୍ଚମୀ (ଘ) ଦ୍ବିତୀୟ

୫୬. ତୁମେ କହିଲେ ବି ମୁଁ ସେଠାକୁ ଯିବି ନାହିଁ ରେଖାଙ୍କିତ ପଦର ଅବ୍ୟୟ କେଉଁ ଶ୍ରେଣୀର ଚିହ୍ନାଅ ?

(କ) ହେତୁବୋଧକ (ଖ) ନିଷେଧାର୍ଥକ

(ଗ) ସମ୍ଭାବନା ସୂଚକ (ଘ) ସାଦୃଶ୍ୟ ବୋଧକ

୫୭. 'ମୁହଁ ଉପରକୁ ହେବା' ଉକ୍ତ ରୂଢ଼ିଟିର ଉପଯୁକ୍ତ ଅର୍ଥ ଦର୍ଶାଅ

(କ) କାହାକୁ ମାନିବା (ଖ) କାହାକୁ ଖାତିରି ନ କରିବା

(ଗ) କାହାକୁ ଖାତିରି କରିବା (ଘ) ଅପମାନିତ ହେବା

୫୮. 'ହରଡ ଘଣାରେ ପଡିବା' ଉକ୍ତ ରୂଢ଼ିଟିର ଉପଯୁକ୍ତ ଅର୍ଥ ଦର୍ଶାଅ

(କ) ବିପଦରେ ପଡିବା (ଖ) ମାରପିଟ ହେବା

(ଗ) ମୃତ୍ୟୁବରଣ କରିବା (ଘ) ସମ୍ପର୍କ ରକ୍ଷା କରିବା

୫୯. 'ହାତ ଦେବା' ରେଖାଙ୍କିତ ରୂଢ଼ିଟିର ଉପଯୁକ୍ତ ଅର୍ଥ ନିଶ୍ଚୟ କର

(କ) ଚୋରୀ କରିବା (ଖ) ଆରମ୍ଭ କରିବା

(ଗ) ନିରୁପାୟ ହେବା (ଘ) ଭୁଲ କରିବା

୬୦. 'ଲୁହା ଜାଣି ପାଣି ଦେବା' ରେଖାଙ୍କିତ ରୂଢ଼ିଟିର ଉପଯୁକ୍ତ ଅର୍ଥ ନିର୍ଣ୍ଣୟ କର

(କ) ଈର୍ଷା କରିବା (ଖ) ଆଶ୍ରୟ ଭିକ୍ଷା କରିବା